# ମୁଖ୍ୟମନ୍ତ୍ରୀ ଇ-ବସ୍ ସେବା ଶୁଭାରମ୍ଭ କାର୍ଯ୍ୟକ୍ରମ












## ଭିଡ଼ ପାଇଁ ବିଦ୍ୟାର୍ଥୀଙ୍କୁ ହଇରାଣ

ସମ୍ବଲପୁର, ୧୦।୧(ସମିସ)

ସମଲେଶ୍ୱରୀ ମନ୍ଦିର ପାର୍ଶ୍ୱସ୍ଥ ମହାନଦୀ ରିଭର୍‌ଫ୍ରଣ୍ଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଇ-ବସ୍ ସେବା ଶୁଭାରମ୍ଭ କରିଛନ୍ତି। ଏହି ସେବା ସକାଶେ ସେଠାରେ ଭବ୍ୟ ଆୟୋଜନ ହୋଇଥିବାବେଳେ ଅତିଥି ଭାବେ ରାଜ୍ୟ ମନ୍ତ୍ରୀମଣ୍ଡଳର ମନ୍ତ୍ରୀ, ସମ୍ବଲପୁର ବିଧାୟକ ତଥା ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଶନିବାର ପ୍ରଥମ ପର୍ଯ୍ୟାୟରେ ୨୫ଟି ଇ-ବସ୍ ସେବା ଆରମ୍ଭ କରାଯାଇଥିବା ବେଳେ ଚଳିତମାସ ଶେଷ ସୁଦ୍ଧା ସମ୍ବଲପୁରକୁ ଆଉ ୨୫ଟି ଇ-ବସ୍ ଆସିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମାର୍ଚ୍ଚ ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ ହୋଇଥିବା ୪ଟି ରୁଟ୍‌ରେ ୨୫ଟି ସାଧାରଣ ଓ ବାତାନୁକୂଳିତ ବସ୍ ଏବେ ବି ଚାଲୁଛି। ଧନୁପାଲି, ଭତରା, ସିନ୍ଦୂରପଙ୍କ, ତାଲବ ଆଦି ସମ୍ବଲପୁରର ବିଭିନ୍ନ ଅଞ୍ଚଳବାସୀ ବସ୍‌ସେବା ସକାଶେ ଦାବି କରୁଥିବାବେଳେ ସେମାନଙ୍କ ସକାଶେ ଅପହଞ୍ଚ ହୋଇରହିଛି।

### ଇ-ବସ୍ ଶୁଭାରମ୍ଭରେ ସ୍କୁଲ ପିଲା...

ଆଜି ସମ୍ବଲପୁରରେ ଇ-ବସ ସେବାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ସମ୍ବଲପୁରର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଅଣାଯାଇଥିଲା। ଶୁଭାରମ୍ଭ ସାଢ଼େ ୧ଟା ପରେ ହୋଇଥିଲା। କିନ୍ତୁ ସ୍କୁଲ ପିଲାଙ୍କୁ ଦିନ ୧୦ଟାରୁ କାର୍ଯ୍ୟକ୍ରମସ୍ଥଳକୁ ଡକାଯାଇଥିଲା। ଆଗକୁ ସ୍କୁଲର ବାର୍ଷିକ ପରୀକ୍ଷା ରହିଛି। ପିଲାମାନେ ପରୀକ୍ଷା ପାଇଁ ପାଠ ମଧ୍ୟ ପଢୁଛନ୍ତି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀ ଓ କଲେଜ ଛାତ୍ରଛାତ୍ରୀଙ୍କୁ ଏକାଠି କରିବାର ଆବଶ୍ୟକ କଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଉକ୍ତସ୍ଥାନରେ କେବଳ ବସ୍‌ର ଶୁଭାରମ୍ଭ ରହିଥିଲା। ଛାତ୍ରଛାତ୍ରୀଙ୍କ ଉପଯୋଗୀ କୌଣସି କାର୍ଯ୍ୟକ୍ରମ ରହିନଥିଲା। କିନ୍ତୁ ଅଯଥା ପିଲାମାନଙ୍କୁ ହଇରାଣ କରାଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସ୍କୁଲ ଓ କଲେଜରୁ ଏତେ ସଂଖ୍ୟାରେ ପିଲାଙ୍କୁ ଡକାଯାଇଥିଲା ଯେ, ସମସ୍ତଙ୍କ ପାଇଁ ବସିବା ବ୍ୟବସ୍ଥା ହୋଇନଥିଲା। ଏପରିକି ଶହେରୁ ଅଧିକ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମସ୍ଥଳରୁ ଅନ୍ୟତ୍ର ଛିଡ଼ା କରାଯାଇଥିଲା। ତେଣୁ କାର୍ଯ୍ୟକ୍ରମରେ ଭିଡ଼ ଦେଖାଇବା ପାଇଁ ପରୀକ୍ଷା ସମୟରେ ବିଦ୍ୟାର୍ଥୀଙ୍କ ଏପରି ହଇରାଣ କରାନଯାଉ ବୋଲି ଦାବି ହୋଇଛି।

### ଗୀତ ନ ଶୁଣିଲେ ବିଦ୍ୟାରାଣ...

ଇ-ବସ ସେବା ଶୁଭାରମ୍ଭ କାର୍ଯ୍ୟକ୍ରମ ଭିଡ଼ ପାଇଁ ଛାତ୍ରଛାତ୍ରୀଙ୍କୁ ଏକତ୍ର କରାଯାଇଥିଲା। କାର୍ଯ୍ୟକ୍ରମ ବିଳମ୍ବ ହେବାରୁ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯାଉଥିଲା। ପ୍ରଥମେ ପ୍ରଥମେ ଛାତ୍ରଛାତ୍ରୀ ସାମିଲ ହୋଇ ଗୀତ ଗାଉଥିବାବେଳେ ଅଧିକ ସମୟ ଅପେକ୍ଷା କରିବାରୁ ବିରକ୍ତିଭାବ ପ୍ରକାଶ କରିଥିଲେ। ଯାହାକୁ ନେଇ ଗୀତ ଗାଉଥିବା ଗାୟକ ଜଣକ ରାଣ ପକାଇଥିଲେ। ଛାତ୍ରଛାତ୍ରୀ ବିରକ୍ତ ହେବାରୁ ଗୀତ ନ ଶୁଣିଲେ ବିଦ୍ୟାରାଣ ଓ ମା' ରାଣ ବୋଲି ଛୁଆମାନଙ୍କୁ କହୁଥିବା ଦେଖାଯାଇଥିଲା।

### ସାମ୍ବାଦିକଙ୍କୁ ବାଡ଼, ଦଳୀୟ କର୍ମୀଙ୍କୁ ଛାଡ଼

ମୁଖ୍ୟମନ୍ତ୍ରୀଙ୍କ ଇ-ବସ୍ ସେବା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗୋଟିଏ ପଟେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବସିବା ସୁବିଧା କରାଯାଇଥିବା ବେଳେ ନଦୀପଟକୁ ମଞ୍ଚ ରହିଥିଲା। ଛାତ୍ରଛାତ୍ରୀଙ୍କ ସାମ୍ନାରେ ବ୍ୟାରିକେଡ୍ କରି ତାହା ଭିତରେ ସାମ୍ବାଦିକଙ୍କୁ ରହିବାକୁ କୁହାଯାଇଥିଲା। ପୁଲିସର ଅନୁରୋଧ ପରେ ସାମ୍ବାଦିକମାନେ ତାହା ଭିତରେ ପଶି ନିୟମ ମାନିଥିଲେ। ତେବେ, ମୁଖ୍ୟମନ୍ତ୍ରୀ ଆସିବାର କିଛି ସମୟ ପୂର୍ବରୁ ଦଳୀୟ କର୍ମୀମାନେ ଆସି ବାହାରେ ଛିଡ଼ା ହୋଇଥିଲେ। ସେମାନେ କୌଣସି ନିୟମ ମାନି ନଥିଲେ କିମ୍ବା କାହାରି କଥା ଶୁଣିନଥିଲେ। ମୁଖ୍ୟମନ୍ତ୍ରୀ ଆସିବାପରେ ତାଙ୍କ ପଛେ ପଛେ ଯାଇ ମଞ୍ଚ ସମ୍ମୁଖରେ ଭିଡ଼ ଜମାଇଥିଲେ। ଏପରିକି କ୍ୟାମେରାମ୍ୟାନ୍‌ଙ୍କ ସମ୍ମୁଖରେ ଛିଡ଼ା ହୋଇ ରହିବାରୁ ଫଟୋ ନେବାକୁ ଅସୁବିଧା ହୋଇଥିଲା। ପୁଲିସ ଅନୁରୋଧ କଲେ ମଧ୍ୟ ତାହା ଶୁଣିନଥିଲେ। ଶେଷରେ ବରିଷ୍ଠ ବିଜେପି ନେତା ସମୀର ରଞ୍ଜନ ବାବୁ ଆସି ସେମାନଙ୍କୁ ଗୋଟିଏ ପଟକୁ କରିବା ପରେ ଛାପା ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମର କ୍ୟାମେରାମ୍ୟାନ୍‌ମାନେ ଫଟୋ ନେଇ ପାରିଥିଲେ। ଏହାକୁ ନେଇ ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଦୀର୍ଘଦିନର ଦାବିକୁ ମୁଖ୍ୟମନ୍ତ୍ରୀ ପୂରଣ କରନ୍ତୁ: ରୋହିତ

**ସମ୍ବଲପୁର, ୧୦।୧(ସମିସ):** ସମ୍ବଲପୁରରେ ଆଜି ମୁଖ୍ୟମନ୍ତ୍ରୀ ଇ-ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ପରିବେଶ ଅନୁକୂଳ ପରିବହନ ଦିଗରେ ଯେକୌଣସି ପଦକ୍ଷେପ ସ୍ୱାଗତଯୋଗ୍ୟ, କିନ୍ତୁ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାବାସୀଙ୍କ ଦୀର୍ଘଦିନର ଯଥାର୍ଥ ଦାବିକୁ ଅଣଦେଖା କରି କେବଳ ପ୍ରତିକାତ୍ମକ ଉଦ୍‌ଘାଟନ ମାଧ୍ୟମରେ ଜନସାଧାରଣଙ୍କୁ ବିଭ୍ରାନ୍ତ କରାଯାଇପାରିବ ନାହିଁ ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ସମ୍ବଲପୁରବାସୀଙ୍କୁ କେବଳ ବାହ୍ୟ ଚମକର ଦରକାର ନାହିଁ; ସାମ୍ବିଧାନିକ ନ୍ୟାୟ, ଉତ୍ତମ ସ୍ୱାସ୍ଥ୍ୟସେବା, ସାଂସ୍କୃତିକ ତଥା ଭାଷାର ସ୍ୱୀକୃତି ଏବଂ ଗଣତାନ୍ତ୍ରିକ ଶାସନ ଦରକାର। ଦଶନ୍ଧି ଧରି, ସମ୍ବଲପୁର ଏବଂ ପଶ୍ଚିମ ଓଡ଼ିଶାର ଜନସାଧାରଣ ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି କରିଆସୁଛନ୍ତି। ଟ୍ରିପଲ୍ ଇଞ୍ଜିନ ସରକାରର ନିର୍ବାଚନୀ ପ୍ରତିଶ୍ରୁତି, ଜନସାଧାରଣଙ୍କ ପ୍ରତିବାଦ ଏବଂ ପୂର୍ବ ବିଜେଡି ସରକାରର କେନ୍ଦ୍ର ସରକାରଙ୍କୁ ସୁପାରିଶ ସତ୍ତ୍ୱେ, ବର୍ତ୍ତମାନର ଟ୍ରିପଲ୍ ଇଞ୍ଜିନ ସରକାର ତଥା ସମ୍ବଲପୁର ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀଙ୍କ ନିରବତା ଆମର ସମ୍ବଲପୁର ତଥା ପଶ୍ଚିମଓଡ଼ିଶାର ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ। ସେହିପରି ସମ୍ବଲପୁରରେ ଏମ୍‌ସ ପ୍ରତିଷ୍ଠା ପ୍ରସଙ୍ଗରେ ସରକାର ଅଣଦେଖା କରି ଚାଲିଛନ୍ତି। ସମ୍ବଲପୁରୀ ଭାଷାକୁ ସରକାରୀ ସ୍ୱୀକୃତିପ୍ରାପ୍ତ ଭାଷା ଭାବରେ ମାନ୍ୟତା ଦେବା ପ୍ରସଙ୍ଗରେ ସରକାରଙ୍କ ନୀରବତା ଅତ୍ୟନ୍ତ ନିରାଶାଜନକ। ସମ୍ବଲପୁର ମହାନଗର ନିଗମ ନିର୍ବାଚନ କାହିଁକି କରାଯାଉ ନାହିଁ ବୋଲି ଶ୍ରୀ ପୂଜାରୀ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନର ଧାନ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥା ଚାଷୀ ଭାଇଙ୍କ ବାରମ୍ବାର ଆନ୍ଦୋଳନ, ବନ୍ଦ ଏବଂ ପ୍ରତିବାଦ ସତ୍ତ୍ୱେ ମଧ୍ୟ ସମାଧାନ ନ ହେବା ଏବଂ ଏହାର ସମାଧାନ ପାଇଁ ସରକାର ଚେଷ୍ଟା ନ କରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇବା ଅତ୍ୟନ୍ତ ଚିନ୍ତାଜନକ। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାକୁ କେବଳ ଏକ 'ଉତ୍ସବ ସ୍ଥଳ' ଭାବେ ବ୍ୟବହାର ନକରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତୁରନ୍ତ ଠୋସ୍ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଶ୍ରୀଗଣେଶ ହାଇସ୍କୁଲର ବାର୍ଷିକ ଉତ୍ସବ



**ସମ୍ବଲପୁର, ୧୦।୧ (ସମିସ) :** ଧନୁପାଲିସ୍ଥିତ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅବସରପ୍ରାପ୍ତ ଆୟକର ଅଧିକାରୀ ରାଧାକାନ୍ତ ସେଠ ମୁଖ୍ୟବକ୍ତା ଏବଂ ଆଇନଜୀବୀ ଅଶୋକ କୁମାର ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## କିଲାସମା ଉଚ୍ଚ ବିଦ୍ୟାଳୟରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୧୦।୧ (ସମିସ):** ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ଅଧିନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ, କିଲାସମାରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସେଠଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ତଥା ସାଧନକର୍ମୀ ଭାବରେ ଭିଖମପୁର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରତାପ ଚନ୍ଦ୍ର ସେନାପତି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱ ସେବା ଉଚ୍ଚ ବିଦ୍ୟାଳୟ, କୁଲୁଣ୍ଡିର ଶିକ୍ଷକ ସମୀର ଭୋଇ, ଚନ୍ଦ୍ରମା କୁମୁରା, ବିଦ୍ୟାବତୀ ବିଶ୍ୱାଳ, ସୁକଲ୍ୟାଣୀ ବାରିକ, ରଞ୍ଜନ ସାହୁ, ବିକାଶ ରଞ୍ଜନ ସାହୁ, ପ୍ରଜ୍ଞାସିନୀ ପ୍ରଧାନ, ରାକା ପଶାୟତ, ଋତୁପର୍ଣ୍ଣା ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ସୁରକ୍ଷିତ ଓ ସୁସ୍ଥ ଅଭ୍ୟାସ ଟ୍ରାଫିକ ସଚେତନତାର ବୈଶିଷ୍ଟ୍ୟ ବୋଲି ମୁଖ୍ୟ ସାଧନକର୍ମୀ ନିଜର ମତାମତ ପ୍ରଦାନ କରିଥିବାବେଳେ ଅନ୍ୟତମ ସାଧନକର୍ମୀ ଶ୍ରୀ ଭୋଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ମଡେଲ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ 'ବିଦ୍ୟାଳୟ ଖବର'ର ନବମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ସୁଧାଂଶୁ ଭୂଷଣ ଷଣ୍ଢ ସଂଯୋଜନା କରିଥିଲେ।



## ସରକାରୀ ଚାରାରୋପଣ ଜମିରେ ନିଆଁ



**କୁଚିଣ୍ଡା, ୧୦।୧(ସମିସ):** ରେଳ ବିଭାଗ କର୍ମଚାରୀଙ୍କ ଅସାବଧାନତା ଯୋଗୁଁ ବାମରା ବ୍ଲକ କେଛୁପାଣି ସାପ୍ତାହିକ ହାଟ ନିକଟସ୍ଥ ସରକାରୀ ବୃକ୍ଷରୋପଣ ଜମିରେ ନିଆଁ ଲାଗିଥିବା ବେଳେ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ କେଛୁପାଣି ସାପ୍ତାହିକ ହାଟ ନିକଟରେ ଥିବା ରେଳ ଲାଇନ କଡ ବୁଦାରେ ଦିନ ପ୍ରାୟ ୧୨ ଟା ସମୟରେ ବୁଦା ସଫା ଉଦ୍ଦେଶ୍ୟ ନେଇ କେତେକ ରେଳ କର୍ମଚାରୀ ନିଆଁ ଲଗାଇଥିଲେ। ଅସାବଧାନତା ବଶତଃ ନିଆଁ ବ୍ୟାପି ପାଖ ବୃକ୍ଷରୋପଣ ଜମିକୁ ମାଡ଼ି ଯାଇଥିଲା। ସ୍ଥାନୀୟ ସମାଜସେବୀ ଯୋଗ ବିହାରୀ ପରିଡ଼ା, ମିତ୍ରଭାନୁ କେଛୁ, ଅବନୀ ବାଗ, ବିରବଲ ପଟେଲ, କଷ୍ଟୁ ବାଗ ଓ ଅଜିତ ପରିଡ଼ା ବାମରା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଲୋକମୁକ୍ତି ସଂଗଠନ ପକ୍ଷରୁ ଶ୍ରମିକ ସଚେତନତା ସଭା

**କୁଚିଣ୍ଡା, ୧୦।୧(ସମିସ):** ବାମରା ବ୍ଲକ ରଙ୍ଗିଆଟିକିରା ପଞ୍ଚାୟତ ଘୁନଘୁଟି ଗ୍ରାମଠାରେ ଜନସନ ପୂର୍ତ୍ତିଙ୍କ ସଭାପତିତ୍ୱରେ ଲୋକମୁକ୍ତି ସଂଗଠନ ବାମରା କ୍ଷେତ୍ରର ବ୍ଲକସ୍ତରୀୟ ମନରେଗା ଶ୍ରମିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଲୋକମୁକ୍ତି ସଂଗଠନ ପକ୍ଷରୁ ଉପଦେଷ୍ଟା ଅନନ୍ତ ଯୋଗଦାନ କରି ମନରେଗା ଶ୍ରମିକଙ୍କୁ ସଚେତନ କରି ଜଣାଇ ଥିଲେ ଯେ ପୂର୍ବରୁ ଥିବା ମନରେଗା ଯୋଜନା ଓ ବର୍ତ୍ତମାନର କେନ୍ଦ୍ର ସରକାର ତରଫରୁ ପାରିତ କରାଯାଇଥିବା ନୂତନ ଯୋଜନା ଦେଶର ମନରେଗା ଶ୍ରମିକଙ୍କ ଉପରେ ବଡ଼ ଧରଣର ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ପ୍ରକାଶ ଯୋଗ୍ୟ ଯେ ଭାରତର ଗ୍ରାମୀଣ ଗରିବ ଓ ଶ୍ରମିକ ଶ୍ରେଣୀ ପାଇଁ ୨୦୦୫ ମସିହାରେ ପ୍ରଚଳିତ ମନରେଗା ଏକ ଐତିହାସିକ ଅଧିକାର ଆଧାରିତ ଆଇନ୍ ଥିଲା। କିନ୍ତୁ ଡିସେମ୍ବର ୨୦୨୫ରେ କେନ୍ଦ୍ର ସରକାର ଦ୍ୱାରା ଆଣାଯାଇଥିବା ବିକଶିତ ଭାରତ ଗ୍ୟାରାଣ୍ଟି ଫର ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ)ଆଇନ ଗ୍ରାମୀଣ ରୋଜଗାର ବ୍ୟବସ୍ଥାକୁ ଏକ ନୂଆ ଦିଗକୁ ନେଇଯାଇଛି। କେନ୍ଦ୍ର ସରକାରଙ୍କ ଏହି ନୂଆ ଆଇନ ଉପରେ ବ୍ୟାପକ ଜନଆଲୋଚନା ଓ ଶ୍ରମିକଙ୍କ କାମର ଅଧିକାର ସୁରକ୍ଷା ପାଇଁ ଲୋକତାନ୍ତ୍ରିକ ପୁନର୍ବିଚାରର ଆବଶ୍ୟକତା ରହିଛି ବୋଲି କହିଥିଲେ। ନୂତନ ଭିବି-ଜି ରାମ-ଜି ଆଇନ୍ ୨୦୨୫କୁ ଲୋକମୁକ୍ତି ସଂଗଠନ ପକ୍ଷରୁ ବିରୋଧ କରି ଆଗାମୀ ଫେବୃଆରୀ ୧୩ ତାରିଖରେ ବାମରା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରୁ ବାମରା ବିଡିଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାର ଆୟୋଜନ କରାଯିବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାରେ ସଂଯୋଜକ ଗ୍ରେଗୋରି ସାମାଦ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସଂଯୋଜକ ରବୀନ୍ଦ୍ର ନାଏକ ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସିମନ ସାମାଦ, ଆଶୀୟାନି ସୁରିନ୍, ସୀମା ବାର୍ଲା, ମଙ୍ଗଳି ନାଏକ, ଉମ୍ଳାନ ତପ୍ନ, ଆବନେର ଲୁଗୁନ, ସୁଲେମାନ ଟେଟେ, ମାଙ୍ଗ୍ରା ସାଙ୍ଗା, ଉତ୍ତମ କୁଲୁ ପ୍ରମୁଖ ସହଯୋଗ କରିଥିଲେ।

## ସଂଗ୍ରାମାଲ କ୍ୟାମ୍ପ ପ୍ରତିଷ୍ଠାତା ଭରତ ରାମ ଭୋଇଙ୍କ ଶ୍ରାଦ୍ଧ ବାର୍ଷିକ

**ଜମନକିରା/ସମ୍ବଲପୁର, ୧୦।୧(ସମିସ):** ହୀରାକୁଦ ନଦୀବନ୍ଧ ବିସ୍ଥାପିତ ତଥା ମାନେଶ୍ୱର ବ୍ଲକ ସଂଗ୍ରାମାଲ କ୍ୟାମ୍ପ ଅଞ୍ଚଳର ପ୍ରାଣ ପ୍ରତିଷ୍ଠାତା ଭରତରାମ ଭୋଇଙ୍କ ଶ୍ରାଦ୍ଧ ବାର୍ଷିକ ମୁରା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ସ୍ମୃତି ସଂସଦ ତରଫରୁ କୃଷ୍ଣ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବରେ ମୂରା କଲେଜର ଅଧ୍ୟକ୍ଷ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ସମ୍ବଲପୁରୀ ଗୀତିକାର ତଥା ମୁରା କଲେଜ ଇଂରାଜୀ ଅଧ୍ୟାପକ ଯତୀନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ସଞ୍ଜୟ କୁମାର ପଣ୍ଡା, ସରପଞ୍ଚ ପ୍ରତିମା ସାହୁ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ପ୍ରଧାନ, କ୍ଷମାଶିଳ ଭୋଇ, ଜଗଦୀଶ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଭରତରାମ ଭୋଇ ହୀରାକୁଦ ଡ୍ୟାମ ବିସ୍ଥାପିତ କ୍ୟାମ୍ପ ଅଞ୍ଚଳ ପ୍ରତିଷ୍ଠା ପରେ ସରକାର ତରଫରୁ ସ୍ୱତନ୍ତ୍ର କ୍ଷମତା ପାଇଁ ପ୍ରଥମ ସରପଞ୍ଚ ଓ ଜିଲ୍ଲା ବୋର୍ଡ ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ମୁରା ଉଚ୍ଚ ବିଦ୍ୟାଳୟ, କଲେଜ ଓ ପରମାଣପୁର ଉଚ୍ଚ ବିଦ୍ୟାଳୟ, କଲେଜର ପ୍ରତିଷ୍ଠାତା ମୁଖ୍ୟ ଥିଲେ। ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମୁରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ବର୍ଷା ମେହେର ଏବଂ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ସ୍ୱର୍ଣ୍ଣମୟୀ ସାହୁଙ୍କୁ ଭରତରାମ ଭୋଇ ସ୍ମୃତି ସମ୍ମାନ-୨୦୨୬ରେ ସମ୍ମାନ କରାଯାଇଥିଲା। ଶିକ୍ଷକ ସୁବାସ ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ମୋ ସ୍କୁଲ ଅଭିଯାନର ସଭାପତି କ୍ଷମାନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)

କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଟିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅଶ୍ୱିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

## ଉଦ୍ଭିଦ ବିଜ୍ଞାନ ବିଭାଗରେ ଜାତୀୟ ସମ୍ମାନ

ସମ୍ବଲପୁର, ୧୦।୧ (ସମିସ)




ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟର ସ୍ନାତକ ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ସଭାପତିତ୍ୱରେ 'ରିସେଣ୍ଟ ଟ୍ରେଣ୍ଡସ୍ ଇନ୍ ବାୟୋଲୋଜିକାଲ୍ ସାଇନ୍ସ : ଫ୍ରମ୍ ସେଲ୍‌ଫ ଟୁ ଥେରାପ୍ୟୁଟିକ୍ସ' ଶୀର୍ଷକ ଏକଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରର ଉଦ୍‌ଘାଟନୀ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ତଥା ସ୍ନାତକୋତ୍ତର ପରିବେଶ ବିଜ୍ଞାନ ବିଭାଗର ପ୍ରଫେସର ଡଃ ମଳୟ ରଞ୍ଜନ ମହାନନ୍ଦ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ମିନତୀ ଛତ୍ରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ ଆଦିତ୍ୟ ମେହେର, ଆଇକ୍ୟୁଏସି ସଂଯୋଜକ ଡଃ ରଘୁମଣି ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ବିଭାଗର ପ୍ରଫେସର ଡଃ ସନ୍ଧ୍ୟାରାଣୀ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

ବିଭିନ୍ନ ବୈଷୟିକ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗମୁଖ୍ୟ ପ୍ରଫେସର ରାଜେନ୍ଦ୍ର ବେହେରା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଜ୍ଞାନ ବିଭାଗର ପ୍ରଫେସର ଡଃ ମଣ୍ଟି କୁଜୁର, ନୂଆଦିଲ୍ଲୀସ୍ଥିତ ଏଆଇଆଇଏମ୍‌ଏସ୍‌ର ବୈଜ୍ଞାନିକ ଡଃ ବିମଳ ପ୍ରସାଦ ଜିତ୍, ମଧ୍ୟପ୍ରଦେଶ ଗୋଆଲିୟରସ୍ଥିତ ସରକାରୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଡଃ ରାମପ୍ରତାପ ସିଂହ ପ୍ରମୁଖ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟରୁ ଗବେଷକ-ଗବେଷିକା ମାନେ ଗବେଷଣାଧର୍ମୀ ନିବନ୍ଧ ଉପସ୍ଥାପନ କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ବିଭାଗୀୟ ମୁଖ୍ୟ ପ୍ରଫେସର ମିନତୀ ଛତ୍ରିଆଙ୍କ ସଭାପତିତ୍ୱରେ ଅଧ୍ୟକ୍ଷ ଡଃ ପ୍ରଦୀପ ହରପାଲ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବାବେଳେ ନାକ୍ ସଂଯୋଜକ ଡଃ ଶ୍ୟାମ ଭୋଇ, ଆଇକ୍ୟୁଏସି ସଂଯୋଜକ ଡଃ ରଘୁମଣି ନାଏକ, ଶୈକ୍ଷିକ ଅଧିକାରୀ ସହକାରୀ ପ୍ରଫେସର ହରିହର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଡଃ ସେନ୍ ସେଟ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭୟଙ୍କ ସହଯୋଗରେ ୪ ମହିଳାଙ୍କୁ ସରକାରୀ ସହାୟତା

**ଅମ୍ବାଭୋନା, ୧୦।୧(ସମିସ):** ରାଜ୍ୟ ଓ କେନ୍ଦ୍ର ସରକାର ଦ୍ୱାରା ଗରିବ ଓ ଅସହାୟ ଲୋକମାନଙ୍କ ପାଇଁ ବିଭିନ୍ନ କଲ୍ୟାଣ ମୂଳକ ଯୋଜନା ରୂପାୟଣ କରାଯାଇଛି। ହେଲେ ମଧ୍ୟ ସଚେତନତାର ଅଭାବ ଓ ପ୍ରକ୍ରିୟାଗତ ଅସୁବିଧା କାରଣରୁ ଅନେକ ପ୍ରକୃତ ହିତାଧିକାରୀ ଏହାର ଲାଭରୁ ବଞ୍ଚିତ ରହିଯାଉଛନ୍ତି। ଏମିତି ଏକ ଦୃଶ୍ୟ ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଅଧୀନ ଅମ୍ବାଭୋନା ଓ ଝାରପାଲି ଗାଁର ୪ ଜଣ ବିଧବା ମହିଳାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥିଲା। ଅମ୍ବାଭୋନା ଗାଁର ଯୁବ ସ୍ୱେଚ୍ଛାସେବୀ ଅଭୟ ପଣ୍ଡା ଏହି ପରିବାରଗୁଡିକୁ ସାକ୍ଷାତ କରି ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଅନଲାଇନ ଆବେଦନ ପ୍ରକ୍ରିୟାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଅମ୍ବାଭୋନା ତହସିଲଦାରଙ୍କ ସହ ସମନ୍ୱୟ କରି ସମସ୍ତ ଆବଶ୍ୟକ କାର୍ଯ୍ୟ ସଫଳ ଭାବେ ସମ୍ପନ୍ନ କରାଯାଇଥିଲା। ଅଭୟଙ୍କ ନିରନ୍ତର ପ୍ରୟାସର ଫଳ ସ୍ୱରୂପ କେନ୍ଦ୍ର ସରକାରଙ୍କ ଜାତୀୟ ପରିବାର କଲ୍ୟାଣ ଯୋଜନା ଅନ୍ତର୍ଗତ ଅମ୍ବାଭୋନାର ସୁକାନ୍ତି ପସାୟତ, ଭାରତୀ ପଟେଲ, ନମିତା ପୂଜାରୀ ଓ ଝାରପାଲି ଗାଁର ଶଶୀ ପଟେଲଙ୍କ ବ୍ୟାଙ୍କ ଖାତାରେ ପ୍ରତ୍ୟେକଙ୍କୁ ୨୦, ୦୦୦ ଟଙ୍କା ସହାୟତା ରାଶି ଜମା ହୋଇଛି। ସ୍ଥାନୀୟ ଲୋକମାନେ ଅଭୟ ପଣ୍ଡାଙ୍କ ଏହି ସାମାଜିକ ଉଦ୍ୟମକୁ ସାଧୁବାଦ ଜଣାଇଛନ୍ତି।



# ୩୨ ଗୋରୁ ମୃତ, ୮ ଗୁରୁତର

# ଗୋରୁ ବୋଝେଇ କଣ୍ଟେନର ଓଲଟି ୩ ଜଣଙ୍କ ମୃତ୍ୟୁ

**ରେଢ଼ାଖୋଲ, ୧୦।୧(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ୧୫୩ ବି ଜାତୀୟ ରାଜପଥ ଅନ୍ତର୍ଗତ ରେଢ଼ାଖୋଲ ବୌଦ୍ଧ ରାସ୍ତାର ପଚ୍ଛେଇ ନିକଟ ବୁଲାଣିରେ ଏକ ଗୋରୁ ବୋଝେଇ କଣ୍ଟେନର ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।ଗାଡ଼ିରେ ୩ ଜଣ ଚାଲାଣକାରୀ ମୃତ୍ୟୁ ଘଟିବା ସହ ସହିତ ୩୨ଗୋରୁ ମୃତ ହୋଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଉକ୍ତ ଗୋରୁ ବୋଝେଇ କଣ୍ଟେନର ବୌଦ୍ଧ ଅଞ୍ଚଳରୁ ରେଢ଼ାଖୋଲ ଅଭିମୁଖେ ଆସୁଥିଲା ବେଳେ ଭାରସାମ୍ୟ ହରାଇ ପଚ୍ଛେଇ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗୋରୁ ଚାଲାଣକାରି ୫ ଜଣ ଗାଡିରେ ଥିବା ବେଳେ କଣ୍ଟେନର ଭିତରେ ୫୦ରୁ ଉର୍ଦ୍ଧ୍ୱ ଗୋରୁ ଫସି ରହିଥିବା ଅନୁମାନ କରାଯାଉଛି। ଅନୁଗୋଳ ଜିଲ୍ଲା କିଆକଟା ପୁଲିସ ଓ ବୌଦ୍ଧର ଅଗ୍ନିଶମବାହିନୀ ପହଞ୍ଚି ଉଦ୍ଧାର କରିଥିଲେ। କଣ୍ଟେନର ଭିତରୁ ୩୨ମୃତ ଓ ଗୁରୁତର ଅବସ୍ଥାରେ ୮ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ୨୦ ରୁ ୨୫ଗୋରୁ ଗାଡ଼ି ଭିତରେ ଫସି ରହିଥିବା ଅନୁମାନ କରାଯାଇଛି।କଣ୍ଟେନର ଭିତରେ ୩ଜଣ ଗୋରୁ ଚାଲାଣକାରୀ ମୃତଦେହ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ବଜରଙ୍ଗ ଦଳ ଓ କିଛି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଏଭଳି ହୃଦୟବିଦାରକ ଦୃଶ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।





## ବାମରା ନୂତନ ତହସିଲଦାରଙ୍କ ଯୋଗଦାନ

**କୁଚିଣ୍ଡା, ୧୦।୧(ସମିସ):** ସମ୍ବଲପୁର ଜିଲ୍ଲା ବାମରା ତହସିଲଦାର ଭାବେ ସୁନ୍ଦରଗଡ଼ ଅଞ୍ଚଳର ଯୁବ ଓଡ଼ିଶା ପ୍ରଶାସନିକ ଅଧିକାରୀ ବିଶାଲ ପଟେଲ ଯୋଗ ଦେଇଛନ୍ତି। ବିଶାଲ ୨୦୨୨ରେ ଓଏଏସ ପାଇଲା ପରେ ଗୋପାଳପୁର ଏକାଡେମୀ ଅଫ ଆଡମିନିଷ୍ଟ୍ରେସନ ଟ୍ରେନିଂ ସାରି ଜାନୁଆରୀ ୭ ତାରିଖ ଦିନ ପ୍ରଥମକରି ବାମରା ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ବାମରା ମକର ମହୋତ୍ସବ କମିଟି ସଭାପତି ପ୍ରଫୁଲ୍ଲ ନାଏକ, ସାଧାରଣ ସମ୍ପାଦକ ଜ୍ୟୋତି କୁମାର ଲାଠ, ଉପାଧକ୍ଷ ଇନ୍ଦ୍ରଦେବ ଚୌଧୁରୀ, ସମ୍ପାଦକ କୁମାର ଚନ୍ଦ୍ର ପଟେଲ ଓ ଅନ୍ୟ ସଦସ୍ୟ ଗଣ ନୂତନ ତହସିଲଦାର ବିଶାଲ ପଟେଲଙ୍କୁ ଭେଟି ବିଭିନ୍ନ ଆଲୋଚନା କରିବା ସହ ସମ୍ବର୍ଦ୍ଧିତ କରିଥିଲେ।

## ଅବକାରୀ ବିଭାଗର ଚଢ଼ଉ

## ୧୧୦ ଲିଟର ମଦ ଜବତ, ଜଣେ ଗିରଫ

**ଅମ୍ବାଭୋନା, ୧୦।୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଇଚ୍ଛାପୁର ଗାଁରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଚଢ଼ାଇ କରାଯାଇ ୧୧୦ ଲିଟର ରନ୍ଧା ମଦ ଜବତ କରାଯାଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଇଚ୍ଛାପୁର ନିବାସୀ ରାଜେଶ ମାଝୀ (୨୭)କୁ ଗିରଫ କରାଯାଇଛି। ବିଶ୍ୱସନୀୟ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାୟକଙ୍କ ନିର୍ଦ୍ଦେଶକ୍ରମେ ଭଟଲି ଅବକାରୀ ଥାନା ଅଧିକାରୀ ଗୀତାଞ୍ଜଳି କୁମ୍ଭାରଙ୍କ ନେତୃତ୍ୱରେ ଏକ ଟିମ୍ ଇଚ୍ଛାପୁର ଗାଁରେ ଚଢ଼ଉ କରିଥିଲେ। ଚଢ଼ଉରେ ଏଏସଆଇ ପ୍ରଶାନ୍ତ ପତି ଓ କନେଷ୍ଟେବଲ ସରସ୍ୱତୀ ବନଛୋର, ମଣ୍ଟୁ ସୁନା ଓ ବେଦବ୍ୟାସ ଛନ୍ଦା ସାମିଲ ଥିଲେ। ଏଥିରେ ଇଚ୍ଛାପୁର ନିବାସୀ ରାଜେଶ ଠାରୁ ୧୧୦ ଲିଟର ଅବୈଧ ରନ୍ଧା ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ। ଜାମିନ ନାମଞ୍ଜୁର ହେବା ପରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଶନିବାର କୋର୍ଟକୁ ଚାଲାଣ କରାଯାଇଛି।

## ମାଁ ସମଲେଶ୍ୱରୀ ହସ୍ତତନ୍ତ ବୁଣାକାର ସଂଘର ସମ୍ମିଳନୀ

**ପଦ୍ମପୁର, ୧୦।୧(ସମିସ):** ପଦ୍ମପୁର ଅଧୀନ ମହୁଲପାଲି ହସ୍ତତନ୍ତ ବୁଣାକାର ବେପାରୀ ସଂଘର ବାର୍ଷିକ ସମ୍ମିଳନୀ ମହୁଲପାଲି କପଡ଼ା ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ପ୍ରୀତମ ମେହେର, ମହୁଲପାଲି ସରପଞ୍ଚ ପଙ୍କଜିନୀ ବେହେରା, ଗାଁର ଗୌନ୍ତିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ପୁରୋହିତ ଭୁଲିଆ ସମାଜର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ ଉପରେ ଆଲୋଚନା କରିବା ସହ କବିଙ୍କୁ ସମାର ଗର୍ବ ଏବଂ ଗୌରବ ବୋଲି କହିଥିଲେ। ବଜାର ସମ୍ମୁଖରେ ଥିବା ଦେଢ଼ ଏକର ଗୋଚର ଜମିକୁ ପାର୍କିଂ ସୁବିଧା କରିବା ପାଇଁ ପୂର୍ବତନ ସମ୍ପାଦକ ପ୍ରେମଲାଲ ମେହେର ସାଂସଦଙ୍କୁ ଅନୁରୋଧ କରିଥିଲେ। ସଂଘର ସମସ୍ତ ସଦସ୍ୟ ସମସ୍ତ କାର୍ଯ୍ୟ ତୁଲାଇଥିଲେ।

## ଡଭାରେ ଚକ୍ଷୁ ପରୀକ୍ଷଣ ଶିବିର

**ଝାରବନ୍ଧ, ୧୦।୧(ସମିସ):** ଝାରବନ୍ଧ ବ୍ଲକ ଅଧୀନ ଡଭା ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡଭା କ୍ଲଷ୍ଟର, ଜାମପାଲି କ୍ଲଷ୍ଟର ଏବଂ ଚନ୍ଦ୍ରମଣିପୁର କ୍ଲଷ୍ଟରର ସମସ୍ତ ଚିହ୍ନଟ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୦୬ ଜଣ ଛାତ୍ରଛାତ୍ରୀ ଓ ୧୩୬ ଜଣ ଅଭିଭାବକ ଓ ଶିକ୍ଷକ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗର ଚକ୍ଷୁ ପରୀକ୍ଷକ ସରୋଜ ସେଠ ଓ କିଶୋର ଚନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବିଆରଟି ରାଜକିଶୋର ବାରିକ, ଡଭା ସିଆରସିସି ଖିରୋଦ ଚନ୍ଦ୍ର ମହାନନ୍ଦ, ଜାମପାଲି ସିଆରସିସି କରୁଣାକର ପ୍ରଧାନ ଓ ଡଭା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣ ଚନ୍ଦ୍ର ବରିହା ସାମିଲ ଥିଲେ। ଏଥିସହ ଆଇଇଡି ଅଜୟ ନାଗ ଓ ମଥୁରା ପୋଡ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅତାବିରା ବ୍ଲକସ୍ତରୀୟ ମେଗା ନାମଲେଖା ଶିବିର

**ଅତାବିରା, ୧୦।୧(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟ ବାହାରେ ଥିବା ୬ରୁ ୧୮ ବର୍ଷ ବୟସ ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମେଗା ନାମଲେଖା ଶିବିର ଅନୁଷ୍ଠିତ ହୋଇଛି। ଉଦ୍ଘାଟନୀ ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅତାବିରା ମିଶ୍ରାଣୀ କୁଜୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗିରୀନ୍ଦ୍ର ସାହୁ, ସମ୍ମାନିତ ଅତିଥି ରୂପେ ଭେଡେନ ବିଇଓ ମହିନ୍ଦ୍ର ମଲ୍ଲିକ, ଏବିଇଓ ଅତାବିରା କାର୍ତ୍ତିକ ବାଗ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା, ରାଜ୍ୟ ମୁକ୍ତ ବିଦ୍ୟାଳୟ ଅନୁଷ୍ଠାନ ସଂଯୋଜକ ତଥା ପ୍ରଧାନଶିକ୍ଷକ ମନୋଜ ହରିପାଲ, ସହ ସଂଯୋଜିକା ସୁପ୍ରଭା ସାହୁ ମଞ୍ଚାସୀନ ଥିଲେ। ବୁଗବୁଗା ସିଆରସିସି ନନ୍ଦିଘୋଷ ଭୁଏ ସଭା ପରିଚାଳନା କରିଥିଲେ। ଶିବିରରେ ମୋଟ ୧୧୮ ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ଦଶମ ଶ୍ରେଣୀ ଓ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ନାମ ଲେଖାଇଥିଲେ। ମଞ୍ଚାସୀନ ଅତିଥି ଗଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ତଥା ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ନାମ ଲେଖାଇବା ପାଇଁ ଥିବା ମାର୍ଗଦର୍ଶିକା ପିଲାମାନଙ୍କୁ ବୁଝାଇଥିଲେ। ପ୍ରକାଶ ଥାଉକି, ଯେଉଁ ପିଲାମାନଙ୍କ ବୟସ ୧୪ ବର୍ଷ କିମ୍ବା ଊର୍ଦ୍ଧ୍ୱ, ଚତୁର୍ଥ ଶ୍ରେଣୀ ପାସ୍ କରିଥିବେ ଓ ତାଙ୍କ ବୟସ ୧୮ ବର୍ଷରୁ କମ ହୋଇଥିବ ସେମାନେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ଦଶମ ବୋର୍ଡ ପରୀକ୍ଷା ପାଇଁ ଦେୟମୁକ୍ତ ନାମ ଲେଖାଇ ପାରିବେ। ତା' ସହ ଯେଉଁ ପିଲାମାନେ ଦଶମ ବୋର୍ଡ ପରୀକ୍ଷାରେ ପାସ କରି କୌଣସି କାରଣବଶତଃ ଯୁକ୍ତ ଦୁଇରେ ନାମ ଲେଖାଇ ପାରି ନାହାନ୍ତି ଏବଂ ତାଙ୍କ ବୟସ ୧୮ ବର୍ଷରୁ କମ ହୋଇଥିବ ସେମାନେ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ଦେୟ ମୁକ୍ତ ନାମ ଲେଖାଇ ପାରିବେ। ୧୮ ବର୍ଷ ବୟସରୁ ଉର୍ଦ୍ଧ୍ୱର ପିଲାମାନେ ଦେୟ ଯୁକ୍ତ ନାମ ଲେଖାଇ ପାରିବେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର କେନ୍ଦ୍ର ଅତାବିରା ଉଚ୍ଚ ବିଦ୍ୟାଳୟ ଥିବା ବେଳେ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର କେନ୍ଦ୍ର ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ଼ରେ ରହିଛି। ଏହି ନାମଲେଖା ଶିବିରରେ ବିଦ୍ୟାଳୟ ବାହାରେ ଥିବା ତଥା ବିଦ୍ୟାଳୟ ତ୍ୟାଗୀ ପିଲା ମଧ୍ୟରୁ ୨୬ ଜଣ ପିଲା ଦଶମ ଶ୍ରେଣୀ, ୯୨ ଜଣ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ନାମ ଲେଖାଇଥିଲେ। କାର୍ଯ୍ୟକ୍ରମରେ ସିଆରସିସି ନୃପ ଭୋଇ, ରାଜୀବ ବିଶାଳ, ଧରମ ନାଏକ, କୃତାର୍ଥ ଚନ୍ଦ୍ର ଭୁଏ, ରଞ୍ଜନ ବାଗ, ତ୍ରିଲୋଚନ ସେଠ, ରଶ୍ମିରାଣୀ ନନ୍ଦ, ସୁବାସ ମହାନନ୍ଦ, ସୀତାପତି ପ୍ରଧାନ, ସୁଦାମ ଭୋଇ, ଆଶିଷ ନାଥ, ବଳରାମ ମେହେର, ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



■ ମହଙ୍ଗା ପଡ଼ିଲା 'ନୌଟଙ୍କି' ମନ୍ତବ୍ୟ

# ଉପମୁଖ୍ୟମନ୍ତ୍ରୀଙ୍କୁ ଜୋରଦାର ବିରୋଧ

**ଭୁବନେଶ୍ୱର/ମନମୁଣ୍ଡା, ୧୦।୧ (ସମିସ):** ସୁବର୍ଣ୍ଣପୁର ଗସ୍ତରେ ଯାଇଥିବା ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଆଜି ହଟହଟା ହେବାକୁ ପଡ଼ିଛି। ତାଙ୍କର 'ନୌଟଙ୍କି' ମନ୍ତବ୍ୟ ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନ ବିରୋଧ ପ୍ରଦର୍ଶନ କରିଛି। ସୁବର୍ଣ୍ଣପୁର ଲୋକ ମହୋତ୍ସବ 'ମହିମା'ର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପ-ମୁଖ୍ୟମନ୍ତ୍ରୀ ମଞ୍ଚରେ ଭାଷଣ ଦେଉଥିବା ବେଳେ ସଂଗଠନର କର୍ମକର୍ତ୍ତାମାନେ ଜୋରଦାର ବିରୋଧ କରିଥିଲେ। ମଞ୍ଚ ତଳେ ବିକ୍ଷୋଭକାରୀମାନେ ପୋଷ୍ଟର ପ୍ରଦର୍ଶନ କରିବା ସହ ନାରାବାଜି କରିଥିଲେ। ଏହି ସମୟରେ କିଛି ବିଜେପି କର୍ମୀ ବିକ୍ଷୋଭକାରୀଙ୍କୁ ଆକ୍ରମଣ କରିବା ସହ ଠେଲାପେଲା କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। କିଛି ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇନେବାରୁ ଉତ୍ତେଜନା ଆହୁରି ବଢ଼ିଥିଲା। ସୂଚନାଯୋଗ୍ୟ, ନିକଟ ଅତୀତରେ ଏକ ସଭାମଞ୍ଚରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ କୃଷକଙ୍କ ଆନ୍ଦୋଳନକୁ 'ନୌଟଙ୍କି' ବୋଲି କହିଥିଲେ।

## ବରଗଡ଼ ଟାଏକ୍ୱାଣ୍ଡୋ ସଂଘର କଲର ବେଲ୍ଟ ପ୍ରମୋସନ ଟେଷ୍ଟ

**ବରଗଡ଼, ୧୦।୧(ସମିସ):** ଅଗ୍ରଗାମୀ ଯୁବକ ସଂଘ ପ୍ରାଙ୍ଗଣରେ ବରଗଡ଼ ଜିଲ୍ଲା ଟାଏକ୍ୱାଣ୍ଡୋ ସଂଘ ଓ ବିଜୟ ଟାଏକ୍ୱାଣ୍ଡୋ ଆନୁକୂଲ୍ୟରେ ୧୪ ତମ କଲର ପ୍ରମୋସନ ବେଲ୍ଟ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ବେଲ୍ଟ ପ୍ରମୋସନ ଟେଷ୍ଟରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ବାଳକ ବାଳିକା ଅଂଶଗ୍ରହଣ କରିଥିଲେ। ବେଲ୍ଟ ପ୍ରମୋସନ ଟେଷ୍ଟକୁ ସଂଘର ଜିଲ୍ଲା ସଭାପତି ନବକିଶୋର ପାଣିଗ୍ରାହୀ ଓ ସମ୍ପାଦକ ତଥା ମୁଖ୍ୟ କୋଚ୍ ବିଜୟ ଭୋଇ ଉଦ୍ଘାଟନ କରିଥିଲେ। ବେଲ୍ଟ ଟେଷ୍ଟରେ ୩ ଜଣ ଛାତ୍ରଛାତ୍ରୀ ଯଥା ଅନନ୍ୟା ଦାସ, ଓଁଶ୍ରୀତା ରଥ ଏବଂ ଶାନ୍ତନୁ ମଲ୍ଲିକ ବ୍ଲାକ୍ ବେଲ୍ଟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ବେଲ୍ଟ ପ୍ରମୋସନ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସଂଘ ସଭାପତି ଶ୍ରୀ ପାଣିଗ୍ରାହୀ, କୋଚ୍ ବିଜୟ ଭୋଇ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଆଶୁତୋଷ ରଥ ଓ ସଦସ୍ୟା ଶ୍ରୀୟା ମିଶ୍ର, ନରେଶ ଠାକୁର ପ୍ରମୋସନରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ଶ୍ରୀ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ଅବସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**ବରଗଡ଼, ୧୦।୧(ସମିସ):** ବରଗଡ଼ ଜଳସେଚନ ବିଭାଜନ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ଠାରେ ଜିଲ୍ଲାସ୍ତରୀୟପ୍ରବନ୍ଧ, ଚିତ୍ରାଙ୍କନ, କ୍ୱିଜ୍ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ମଦନ ମୋହନ ସେଠୀ ମୁଖ୍ୟ ଅତିଥି ଭାବେ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଯନ୍ତ୍ରୀ ମନ୍ମଥ ଶତପଥୀ, କନିଷ୍ଠ ସହକାରୀ ଯନ୍ତ୍ରୀ, ରଞ୍ଜନ ପଟେଲ, କନିଷ୍ଠ ଯନ୍ତ୍ରୀ ମୁଟୁନୁ ରୋହିଦାସ, ପ୍ରଧାନଶିକ୍ଷକ ସୁଦୀପ ରଥ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ, ବିବେକାନନ୍ଦ ଅଦାବର୍, ଅରବିନ୍ଦ ଗୁପ୍ତା, ପ୍ରଦୀପ ମିଶ୍ର, ନିରଞ୍ଜନ ବେହେରା, ସୀମା ବିଶ୍ୱାସ ପ୍ରମୁଖ ଯୋଗ ଦେଇଥିଲେ। କ୍ୱିଜ୍ ପ୍ରତିଯୋଗିତା ବରପାଲି ଶିଶୁ ବିଦ୍ୟାମନ୍ଦିରର ଶିବାଂଶ ଦାଶ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗ୍ରିଞ୍ଜେଲର ଛାତ୍ର ଆର୍ଯ୍ୟନ୍ ବାରିକ, ଅମ୍ବାଭୋନା ପିଏମଶ୍ରୀ କେଏଜି ହାଇସ୍କୁଲର ଛାତ୍ର ଝସକେତନ ରଣା, ଭେଡେନ ପିଜି ହାଇସ୍କୁଲର ତର୍କ ପ୍ରତିଯୋଗିତାରେ ଅର୍ଚ୍ଚନା ପ୍ରଧାନ, ଓଏଭି ଏମ.ଗଣ୍ଡପାଲି ବିଜେପୁର ସ୍ମୃତି ପ୍ରଜ୍ଞା ଦାଶ, ପଞ୍ଚାୟତ ହାଇସ୍କୁଲ ସାଲନା ପ୍ରିୟଂଶି ଶଣ୍ଢ, ଚିତ୍ରାଙ୍କନ ପ୍ରତିଯୋଗିତାରେ ସୋହେଲା ବ୍ଲକ ସରକଣ୍ଡା ହାଇ ସ୍କୁଲ ସରକଣ୍ଡାର ଛାତ୍ରୀ ଟିକେଶ୍ୱରି ଭୁଏ, ଜିଏମଜି ହାଇସ୍କୁଲ କଳାପାଣି ସୁଲଗ୍ନା ସାହୁ, ଶଙ୍କର୍ଷଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଜେପୁରର ଛାତ୍ର ସୁରଜ୍ ମେହେର ପ୍ରବନ୍ଧ ପ୍ରତିଯୋଗିତାରେ ଓଏଭି ଏମ ଗଣ୍ଡପାଲି ବିଜେପୁର ଛାତ୍ରୀ ଅନୁଷ୍କା ସାହୁ, ଏସଏଆଇଆଇଇ ମାତୃପୁରୀ ଲାଦେରପାଲି ଅତାବିରା ଛାତ୍ରୀ ପ୍ରୀୟଂଶି ଭୋଇ, ନବଜ୍ୟୋତି ହାଇସ୍କୁଲ ଚକରକେନ୍ଦ୍ ବରଗଡ଼ର ଛାତ୍ରୀ ପୁନମ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀ ଆସନ୍ତା ୧୩ ତାରିଖ ବରଗଡ଼ ପାଣି ପଞ୍ଚାୟତ ଭବନରେ ପୁରସ୍କୃତ ହେବେ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ବରଗଡ଼ ଜଳସେଚନ ବିଭାଜନ ପକ୍ଷରୁ ସ୍ନିଗ୍ଧା ଦାଶ, ମନୀଷା ସାହୁଙ୍କ ସମେତ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ସୀମା ସାହୁ, ସାଙ୍ଖା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଡୁମ୍ରେବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ପାଇକମାଲ, ୧୦।୧(ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଡୁମ୍ରେବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଷିକେଶ ବାଗଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶାନ୍ତିକୁଞ୍ଜ ପ୍ରତିନିଧି ପ୍ରମୋଦ ଭୋଇ ଓ ସମ୍ମାନିତ ଅତିଥି ଭାବେ ସିଆରସିସି ବସୁଦେବ କୁମ୍ଭାର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବନବାସ ସାହୁ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଶିକ୍ଷକ ବାବୁଲାଲ ଧରୁଆ, ସୁଦାମ କନ୍ଧେର, ସୌତମ ଛତର, ଦେଜଲିଂ ଦନ୍ତା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ବାବୁଲାଲ ଧରୁଆ ଧନ୍ୟବାଦ ଦେଇଥିଲେ।

# ପ୍ରାଚୀର ପତ୍ରିକା 'ବାତାୟନ' ଉନ୍ମୋଚିତ

**ଭଟଲି, ୧୦।୧(ସମିସ):** ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟର ପ୍ରାଚୀର ପତ୍ରିକା 'ବାତାୟନ' ଅଧ୍ୟକ୍ଷ ସରୋଜ ଦାଶଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି। ପ୍ରତିଟି ଛାତ୍ର ପ୍ରକୃତି ଦତ୍ତ ପ୍ରତିଭାର ଏକ ଭଣ୍ଡାର, ତାଙ୍କ ସୃଜନଶୀଳତାର ପରିପ୍ରକାଶ ନିମନ୍ତେ ଏମିତି ପତ୍ରିକାର ଆବଶ୍ୟକତା ଅପରିହାର୍ଯ୍ୟ ଓ ଛାତ୍ରଜୀବନରୁ ହିଁ ଲେଖାଲେଖି ଆରମ୍ଭ ହୋଇପାରେ। ଏଣୁ ପ୍ରାଚୀର ପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅଧ୍ୟକ୍ଷ ଦାଶ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବରିଷ୍ଠ ପ୍ରାଧ୍ୟାପକ ବିଶ୍ୱଜିତ ହୋତା, ଚୁଡାମଣି ରଥ, ଆଶିଷ ମହାନ୍ତି, ରବିନାରାୟଣ ପଣ୍ଡା, ବିରାଟ ପଧାନ, ସଂଗ୍ରାମ ସାହୁ, ସୀମା ବରିହା, ଦୀପକ ପତି, ପ୍ରତିମା ପଣ୍ଡା, ଜୟନ୍ତୀ ସାହୁ, ଆଦିତ୍ୟ ସିଂ, ଅଜିତ ବାରିକ, ସୌରିନାରାୟଣ ସାହୁ, ନମିତା ଭୋଇ, ଜ୍ୟୋତି ତ୍ରିପାଠୀ, ମୁନି ସାହୁ ପ୍ରମୁଖ ବହୁ ଅଧ୍ୟାପକ ଓ ଆଧ୍ୟାପିକା ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଶମ୍ଭୁନାଥ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

ସାଧାରଣତନ୍ତ୍ର ଦିବସ-୨୦୨୬

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିବ ଦିଲ୍ଲୀ

**ବରଗଡ଼, ୧୦।୧(ସମିସ):** କଳାଜୀବୀ ଅନୁଷ୍ଠାନ ବରଗଡ଼ର କଳାକାର ମାନେ ଚଳିତ ବର୍ଷ ନୂଆଦିଲ୍ଲୀରେ ହେବାକୁ ଯାଉଥିବା ସାଧାରଣତନ୍ତ୍ର ଦିବସ (ଜାନୁୟାରୀ ୨୬)ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଦିଲୀପ ସାହୁ ଓ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଖଟେଇଙ୍କ ନେତୃତ୍ୱରେ ୧୫ ଜଣ କଳାକାର ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିବା ପାଇଁ ମନୋନୀତ ହୋଇଛନ୍ତି। ତେଣୁ କଳାକାର ମାନେ ରାଜଧାନୀ ଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତରେ କଳାକାରଙ୍କ ଦଳରେ ଗୁରୁ ଦିଲୀପ ସାହୁ, କଣ୍ଠଶିଳ୍ପୀ ପଦ୍ମଶ୍ରୀ ଖଟେଇଙ୍କ ସହ ସୁବାଳ ହରିପାଲ, ଚକ୍ର ଧାରୁଆ, ରୁକମାନା ସାହୁ, ରୋହନ ରଞ୍ଜନ ଟାଣ୍ଡି, ପ୍ରତୀମା ସାଗର, ରଞ୍ଜୁ ସାହୁ, ନିହାରିକା ନାୟକ, ପ୍ରତୀମା ଭୋଇ, ପ୍ରତିଭା ଟାଣ୍ଡି, ରଶ୍ମି ତାଣ୍ଡି, ସୋନି ଟାଣ୍ଡି, ରେଣୁକା ମଲ୍ଲିକ, ସୁନ୍ଦର ମଜୀ ଅନେକ ଖ୍ୟାତନାମା କଳାକାର ଅଛନ୍ତି। ଜିଲ୍ଲାର କଳାକାର ସମ୍ବଲପୁରୀ ନୃତ୍ୟରେ ଦେଶର ରାଜଧାନୀରେ ମଞ୍ଚ ଦୁଲୁକାଇବେ ଜାଣି ଜିଲ୍ଲାବାସୀ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଓକିଲ ସଂଘ ସଭାପତି ଭୀଷ୍ମ ଦେବ ସରାଫ, ଅକ୍ରୁର ମଲ୍ଲିକ, ସୁରେଶ୍ୱର ଶତପଥୀ, ଗୋପାଳ କୃଷ୍ଣ ଦାଶ, ଶଙ୍କର ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ସୁବ୍ରତ ବୀର୍ତିଆ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା ପ୍ରମୁଖ ସମସ୍ତ କଳାକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ହିନ୍ଦୀ ଦିବସ

**ସମ୍ବଲପୁର, ୧୦।୧ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ହିନ୍ଦୀ ବିଭାଗ ପକ୍ଷରୁ ଆଜି ବିଶ୍ୱ ହିନ୍ଦୀ ଦିବସ ଅବସରରେ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଏକ ସମ୍ମାନ ଆୟୋଜିତ ହୋଇଯାଇଛି। ସମ୍ମାନରେ ୟୁନାଇଟେଡ କମର୍ସିଆଲ ବ୍ୟାଙ୍କ ହିନ୍ଦୀ ଭାଷା ଅଧିକାରୀ ବିଶାଲ କୁମାର ଚୌହାନ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇଥିଲେ। ଆଲୋଚକ ଶ୍ରୀ ଚୌହାନ "ହିନ୍ଦୀ: ସମ୍ପର୍କର ଭାଷା, ସଶକ୍ତ ଭାରତର ଆଶା" ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଶ୍ରୀ ଚୌହାନ କହିଥିଲେ ଯେ, ଆଜି ବୈଶ୍ୱିକ ବାଣିଜ୍ୟ ଏବଂ କାର୍ଯ୍ୟକ୍ଷେତ୍ରରେ ହିନ୍ଦୀ ଭାଷାର ପରିସର ବୃଦ୍ଧି ପାଇବାରେ ଲାଗିଛି। ଏହାସହିତ ନିଯୁକ୍ତି କ୍ଷେତ୍ରରେ ହିନ୍ଦୀ ଭାଷା ଓ ସାହିତ୍ୟର ଛାତ୍ରଛାତ୍ରୀମାନେ ସମସ୍ତଙ୍କଠାରୁ ବହୁ ଆଗରେ ଅଛନ୍ତି। ଅନ୍ୟ ଭାଷାକୁ ନିଜର ସହଯାତ୍ରୀ ଭାବରେ ଗ୍ରହଣ କରିବାରେ ହିନ୍ଦୀ ଭାଷାର ଉଦାରତା ମଧ୍ୟ ଅନନ୍ୟ ବୋଲି ସେ ମତପୋଷଣ କରିଥିଲେ। ହିନ୍ଦୀ ବିଭାଗୀୟ ମୁଖ୍ୟ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଆଜି ଦିବସ ତଥା ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ହେମନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ନିକିତା ବହିଦାର ଏବଂ ଯୋଗେଶ୍ୱରୀ ରଣା ସମ୍ମାନର ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସର୍ବଭାରତୀୟ ବୋଡ଼ାସମ୍ବର କପ୍ ଉଦ୍ଘାଟିତ

**ପଦ୍ମପୁର, ୧୦।୧(ସମିସ)**

ସ୍ଥାନୀୟ ଆର୍‌ବି ହାଇସ୍କୁଲ୍ ପଡ଼ିଆ ଠାରେ ବୋଡାସମ୍ବର ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ବୋଡାସମ୍ବର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ବର୍ଷା ସିଂ ବରିହା ଏହାର ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜବୋଡାସମ୍ବର୍ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସାବିତ୍ରୀ ବାଗ୍, ଡଭା ପାକ୍ସ ଅଧ୍ୟକ୍ଷ ବିଜୟ ପ୍ରଧାନ, ପାଇକମାଲ ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଗୌତମ ସିଂ ଯୋଗ ଦେଇଥିଲେ। ଆଜିର ଉଦ୍ଘାଟନୀ ମ୍ୟାଚ୍ ପଦ୍ମପୁର ଓ ରାଉରକେଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ଦଳ ପ୍ରଥମେ ଟସ୍ ଜିଣି ବୋଲିଂ କରିଥିଲା। ରାଉରକେଲା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ୱିକେଟ୍ ହରାଇ ୨୧୩ ରନ୍ ସଂଗ୍ରହ କରିଥିଲା। ଜବାବରେ ପଦ୍ମପୁର ଦଳ ୧୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୧ ରନ୍ ସଂଗ୍ରହ କରି ୧୦୨ ରନ୍‌ରେ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଧରଣୀ ବାରିକ ୨.୩ ବଲରେ ୧୪ ପ୍ରଦାନ କରି ୩ ୱିକେଟ୍ ହାସଲ କରିଥିଲେ। ସେହିପରି ବିଜୟୀ ରାଉରକେଲା ଦଳର ଅଙ୍କିତ ସିଂ ୫୨ ବଲରେ ୮୩ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଆଜିର ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମପୁର ପ୍ରିଣ୍ଟ ମିଡିଆ ସଂଘ ଓ ଇଲେକ୍ଟ୍ରୋନିକ୍ସ ମିଡିଆ ସଂଘର ସଦସ୍ୟ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ ଚୂଡାମଣି ପାଢ଼ୀ ଓ ସୁଶାନ୍ତ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ରିଙ୍କୁ ବରିହା, ଅମରେଶ ବେହେରା ସ୍କୋରର, ପ୍ରକାଶ ପାତ୍ର, ଆନନ୍ଦ, ରୋହିଣୀ ପାଣ୍ଡେ, ଦିବ୍ୟ ପଣ୍ଡା ଓ ବିକାଶ କୁମ୍ଭାର ଉଦ୍ଘୋଷକ ଦାୟିତ୍ୱ ବହନ କରିଥିଲେ।

## ୧୦୨ ରନ୍‌ରେ ପଦ୍ମପୁର ଦଳକୁ ପରାସ୍ତ କଲା ଆର୍‌ୱାଇସିସି ରାଉରକେଲା





# ଅମ୍ବାଭୋନା ବ୍ଲକ୍ ବ୍ରାହ୍ମଣ ସମାଜର ସଭା

● ପଞ୍ଚମ ସାମୂହିକ ବ୍ରତୋପନୟନ ପାଇଁ ତାରିଖ ଘୋଷଣା

**ଅମ୍ବାଭୋନା, ୧୦।୧(ସମିସ):** ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକ ବ୍ରାହ୍ମଣ ସମାଜର ବାର୍ଷିକ ସାଧାରଣ ସଭା ଅମ୍ବାଭୋନା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସଭାପତି ଯୋଗୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଚଳିତ ବର୍ଷ ପାଇଁ ସମାଜ ତରଫରୁ ପଞ୍ଚମ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଅମ୍ବାଭୋନା କେଦାରନାଥ ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ବୈଶାଖ୍ୟ କୃଷ୍ଣ ପକ୍ଷ ନବମୀ ତିଥିରେ ଚାରିକର୍ମ ଏବଂ ଦଶମୀ ତିଥିରେ ବ୍ରତୋପନୟନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଭାରେ ବିଗତ ବର୍ଷର ଆୟବ୍ୟୟ ବିବରଣୀ ପଠନ କରାଯାଇଥିଲା। ବରିଷ୍ଠ ପଣ୍ଡିତ ମାନଙ୍କ ଉପସ୍ଥିତିରେ ବ୍ରତୋପନୟନ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବ୍ରତୋପନୟନ କରାଇବାକୁ ଇଚ୍ଛୁକ ଥିବା ବ୍ୟକ୍ତି ମାନେ ଚଳିତ ଜାନୁଆରୀ ମାସ ୧୧ ତାରିଖରୁ ଆସନ୍ତା ମାର୍ଚ୍ଚ ମାସ ୨୫ ତାରିଖ ମଧ୍ୟରେ ରେଜିଷ୍ଟ୍ରେସନ କରିବାକୁ ଅନୁରୋଧ କରାଯାଇଛି। ଏଥିପାଇଁ ସମାଜର ଭୋଇନାତୁରା ଗାଁର ଶେଷଦେବ ପଣ୍ଡା ଏବଂ ଅମ୍ବାଭୋନା ଗାଁର ଜଗନ୍ନାଥ ପଣ୍ଡାଙ୍କ ସହିତ ଯୋଗାଯୋଗ କରି ପାରିବେ। ସଭାରେ ଦୁର୍ଗା ବାହିନୀ, ବରିଷ୍ଠ ପଣ୍ଡିତ ଓ ସମାଜର ଗଣ୍ୟମାନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

# ଖୁଣ୍ଟୁଲିପାଲି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଭେଡେନ, ୧୦।୧(ସମିସ):** ଭେଡେନ ବ୍ଲକ ଖୁଣ୍ଟୁଲିପାଲି ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରଦୀପ ପୁରୋହିତ, ମୁଖ୍ୟ ବକ୍ତା ଭାବେ କଦୋବାହାଲ କଲେଜର ଓଡ଼ିଆ ଅଧ୍ୟାପକ ମାନଭଞ୍ଜନ ପୁରୋହିତ, ସମ୍ମାନିତ ଅତିଥି ଭାବେ ଏସସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଶକୁମ୍ଭାର, ଶିଳ୍ପପତି ପୁଚ୍ଚା ସୁରୁବାବୁ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ମଦନ ମୋହନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଭୋଜରାଜ ଦୁଆନ ବାର୍ଷିକ ବିବରଣୀ ପଠନ କରିଥିଲେ। ମାତୃଭାରତୀ ସମ୍ପାଦିକା ପ୍ରୀତିମୟୀ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ପିତ ଝାଙ୍କର, ସ୍ୱିଟି ଝାଙ୍କର, ସୋହମ ମିଶ୍ର, ପ୍ରତୀକ ସାହୁ, ସ୍ୱସ୍ତିକା ପ୍ରିୟଦର୍ଶିନୀ ଖମାରି, ଆଦିତ୍ୟ ପୋଢ଼, ଶ୍ରେୟଂକ୍ଷଶି ସେଣ, ଆଦର୍ଶ ସେଟ ସମେତ ଅନେକ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ଗଣ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ସଂସ୍କୃତ ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର

**ପଦ୍ମପୁର, ୧୦।୧(ସମିସ):** ବରିଖେଳ ସ୍ଥିତ ଲାଲାଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟରେ 'ସୁରେଶ ଚନ୍ଦ୍ର ଚୌହାନ' ସାହିତ୍ୟ ଆଲୋଚନାଚକ୍ର ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଶୁତୋଷ ପାଣିଗ୍ରାହୀ, ଦେବେନ୍ଦ୍ର ତ୍ରିପାଠୀ ଓ ଲୋକନାଥ ପଣ୍ଡାଙ୍କ ବେଦପାଠରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧ୍ୟାପକ ଭାଗିରଥୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋଜରାଜ ବୁଡେକ ଉପସ୍ଥିତ ଥିଲେ। ସମ୍ମାନିତ ବକ୍ତା ସନ୍ତୋଷ ସିଂ ଠାକୁର ସୁରେଶ ଚନ୍ଦ୍ର ଚୌହାନଙ୍କ ରଚିତ ହଠସ୍ୱୀ କାବ୍ୟକୁ ଉନ୍ମୋଚିତ କରିଥିଲେ। ପ୍ରଖ୍ୟାତ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ମହାନ୍ତି ନିଜ ମାଟି, ନିଜ ଅଞ୍ଚଳ, ନିଜ ଭାଷାକୁ ସମ୍ମାନ ଦେଲେ ସମାଜର ମଙ୍ଗଳ ସାଧିତ ହେବ ବୋଲି ମତ ରଖିଥିଲେ। ମାର୍ଜିତ ଭାଷା ସଂସ୍କୃତ ସାହିତ୍ୟକୁ ପାଥେୟ କରି ଦିନଚର୍ଯ୍ୟା ଆରମ୍ଭ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ସନାତନ ବାରିକ ସାହିତ୍ୟ ସମାଜର ସଂସ୍କୃତି ରକ୍ଷକ ବୋଲି କହିଥିଲେ। ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ର କବି ସୁରେଶ ଚନ୍ଦ୍ରଙ୍କ କାବ୍ୟ ସମୂହକୁ ବିଶ୍ଳେଷଣ କରି 'ସାହିତ୍ୟ ବିହିନ ସଂସ୍କୃତି ଶ୍ରୀହିନ' ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ସାହିତ୍ୟ ଅଧ୍ୟାପକ ସୀତାରାମ ସାହୁ ସଂସ୍କୃତିର ରକ୍ଷକ ସଭ୍ୟତାର ମୂଳାଧାର ସାହିତ୍ୟ ବୋଲି ମତ ରଖିଥିଲେ। ସଂସ୍କୃତ ସାହିତ୍ୟ ପ୍ରାଧ୍ୟାପିକା ସଂହିତା ବେହେରା ଓଡ଼ିଆ ସାହିତ୍ୟର ମହନୀୟତା ପ୍ରତିପାଦନ କରିଥିଲେ। ଇଂରାଜୀ ଅଧ୍ୟାପକ ପୌଲସ୍ତ୍ୟ ସାହା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅଧ୍ୟାପକ ରମେଶ ଚନ୍ଦ୍ର ପୂଜାହାରୀ, ଅଧ୍ୟାପିକା ବିଭୂତି ଗିରି, ସୁକାନ୍ତି ସାହୁ, ରାଜ ମଲ୍ଲିକ, ବିଜୟ ରଞ୍ଜନ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ଚନ୍ଦ୍ରମଣିପୁର ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ଝାରବନ୍ଧ, ୧୦।୧(ସମିସ):** ଝାରବନ୍ଧ ବ୍ଲକ ଭଇଁସାଦର୍ହା ପଞ୍ଚାୟତ ହାଇସ୍କୁଲର ଚନ୍ଦ୍ରମଣିପୁରର ୨୦୧୨ ମାଟ୍ରିକ ବ୍ୟାଚ୍‌ର ଛାତ୍ରମାନଙ୍କ ଦ୍ୱାରା ବନ୍ଧୁ ମିଳନ କାର୍ଯ୍ୟକ୍ରମ 'ପେଟଲି ଝରନ' ଡ୍ୟାମ ହାତୀ ଖାଲ ଠାରେ ଆୟୋଜିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ବନ୍ଧୁମାନେ ଏକାଠି ହୋଇ ପୁରୁଣା ଦିନର ସ୍ମୃତି, ଛାତ୍ରଜୀବନର ଅନୁଭବ ଓ ସ୍କୁଲ ଜୀବନର ମୁହୂର୍ତ୍ତଗୁଡିକୁ ସ୍ମରଣ କରିଥିଲେ। ଏହି ବନ୍ଧୁ ମିଳନ ସଭାରେ ଅନିଲ ଲୁହାର, ରାଜେଶ ବୁଡେକ୍, ଶରତ ଖର୍ସେଲ, ନରେଶ ମାଲି, ଶିବରଣା, ରୋହିତ ପଟେଲ, ବାସୁଦେବ ପଟେଲ, ଶିଳାଲ ଚୌଧୁରୀ, ଲିଙ୍ଗରାଜ ପଟେଲ, ତରଣିସେନ୍ ସାହୁ, ଗଣେଶ କେଉଁଟ, ରଘୁ ପଟେଲ, ନରେନ୍ଦ୍ର ନାଏକ, ଭୁବନେଶ୍ୱର ରାଉତ, ଅନିଲ ନାୟକ, ଆନନ୍ଦ ସାହୁ, ବିଜୟ ପଟେଲ, ତୁକେଶ ବାରିକ, ଯଦୁମଣି ପ୍ରଧାନ, ସନ୍ତୋଷ ପଟେଲ ଓ ନାଗେସ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

## ପିଛା ଛାଡୁନି ଧାନ ବିକ୍ରି ସମସ୍ୟା

# ଜୟ କିଷାନ ଆନ୍ଦୋଳନ ପକ୍ଷରୁ ବିକ୍ଷୋଭ







**ଅତାବିରା, ୧୦।୧(ସମିସ)**

ଧାନବିକ୍ରି ସମସ୍ୟା ଚାଷୀଙ୍କ ପିଛା ଛାଡୁନାହିଁ। ବାରମ୍ବାର ଦାବି କଲାପରେ ମଧ୍ୟ ସମାଧାନ ବଦଳରେ ଚାଷୀଙ୍କୁ ଅପମାନ କରି ବିଦ୍ରୁପ କରାଯାଉଛି। ଏହାର ପ୍ରତିବାଦରେ ଜୟ କିଷାନ ଆନ୍ଦୋଳନର ଆହ୍ୱାନ କ୍ରମେ ଶନିବାର ବରଗଡ଼ ଜିଲ୍ଲା ଅତାବିରା ମୁଖ୍ୟ ବଜାର ପ୍ରାଙ୍ଗଣଠାରେ ଶତାଧିକ ଚାଷୀ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ଚାଷୀ ଓ ପୁଲିସ ଧସ୍ତାଧସ୍ତି ହେବା ଦେଖା ଦେଇଥିଲା। ପୁଲିସ ଚାଷୀଙ୍କୁ ରାସ୍ତାରୁ ଜୋର ଜବରଦସ୍ତ ଘୋଷାଡ଼ି ନେଇ ଗିରଫ କରିଥିଲା। କିଛି ଚାଷୀ ନେତାଙ୍କୁ ଗ୍ରାମାଞ୍ଚଳ ଥାନା ବରାହଗୋଡାରେ ରଖାଯାଇଥିବା ବେଳେ ଅନ୍ୟମାନଙ୍କୁ ରିଜର୍ଭ ପୁଲିସରେ ରଖାଯାଇଥିଲା। ଉଭୟ କେନ୍ଦ୍ରରୁ ମୋଟ ୬୦ ଜଣ ଚାଷୀ ପ୍ରତିନିଧିଙ୍କୁ ଅଟକ ରଖାଯାଇ ସଂଧ୍ୟା ସାଢ଼େ ୫ଟାରେ ଛଡାଯାଇଥିଲା।

ପୂର୍ବ କାର୍ଯ୍ୟକ୍ରମ ଅନୁସାରେ ଆଜି ବରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶହ ଶହ ଚାଷୀ ଅତାବିରା ବଜାର ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ। ସେଠାରେ ଧାନ ବିକ୍ରିରେ ଅଚଳାବସ୍ଥାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଚାଷୀ ନେତା ଓ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନାରେ

### ରାଜପଥ ଅବରୋଧ ବେଳେ ଉଠାଇ ନେଲା ପୁଲିସ

ଅଧିକ ଧାନ ଚାଷ ହେଉଥିବା କାରଣରୁ ସରକାରଙ୍କୁ ଧାନ କିଣିବା ପାଇଁ ସମସ୍ୟା ସୃଷ୍ଟି ହେଉଛି ଏବଂ ଏଣୁ ଏଣିକି ଟୋକନ ଆସିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟ ପକ୍ଷରେ ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କ ସମସ୍ୟାକୁ ନୌଟଙ୍କି ବୋଲି ପୂର୍ବରୁ କହିଛନ୍ତି। ରାଜ୍ୟର ଉଭୟ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଏପରି ଚାଷୀ ବିରୋଧୀ ବେପରୁଆ ମନ୍ତବ୍ୟକୁ ଚାଷୀଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା। ସରକାରଙ୍କ ଏପରି ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ ଯେ, ସରକାର ଧାନ କିଣା ବିକା ସମସ୍ୟାକୁ ନେଇ ଆଦୌ ଚିନ୍ତିତ ନୁହେଁ ଏବଂ ଚାଷୀଙ୍କ କଷ୍ଟ ହୃଦୟଙ୍ଗମ କରିବାକୁ ସରକାର ଅସମର୍ଥ। ଓଲଟା କିପରି ଚାଷୀଙ୍କୁ ଧାନ ବିକ୍ରିରୁ କାଟ କରାଯିବ ସେ ନେଇ ସରକାର ଯୋଜନା କରୁଛନ୍ତି ବୋଲି ଚାଷୀ ନେତା ଲିଙ୍ଗରାଜ ତୀକ୍ଷ୍ଣ ସମାଲୋଚନା କରିଥିଲେ। ସରକାର ନିଜେ ଧାନ କିଣୁଥିଲେ ମଧ୍ୟ ମିଲରମାନଙ୍କ ବିନା ଧାନ ବିକ୍ରି ବ୍ୟବସ୍ଥା ହୋଇପାରୁ ନାହିଁ। ଏଣୁ ସଂଗଠନ ତରଫରୁ ଆଜି ଏକ ପ୍ରତିକାତ୍ମକ କାର୍ଯ୍ୟକ୍ରମ କରି ସରକାରଙ୍କୁ ଚେତାବନୀ ଦିଆଯାଇଛି। ଆସନ୍ତା ଗୋଟିଏ ସପ୍ତାହରେ ଧାନ ବିକ୍ରି ସମସ୍ୟାର ସମାଧାନ ନହେଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବରିଷ୍ଠ ନେତା ଶିବ ପ୍ରସାଦ ପ୍ରଧାନ, ମହେଶ୍ୱର ପ୍ରଧାନ, ବିଶ୍ୱନାଥ ରଣା, ଚଞ୍ଚଳ ପ୍ରଧାନ, ଅରୁଣ ପ୍ରଧାନ, ଜିତୁ ବେହେରା, କିଶୋର ସାହୁ, ସୁରେନ୍ଦ୍ର ମେହେର, ଭଞ୍ଜନ ବାରିକ, ମିନିଷ୍ଟର କରିବା, ସରୋଜ ପଧାନ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଆୟୁର୍ବେଦ ଚିକିତ୍ସାଳୟରେ ନିଦାନ କେନ୍ଦ୍ର ଉଦ୍‌ଘାଟିତ

**ପାଇକମାଳ, ୧୦।୧(ସମିସ):** ପାଇକମାଳ ସରକାରୀ ଆୟୁର୍ବେଦ ଚିକିତ୍ସାଳୟରେ ନିଦାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରିଷ୍ଣା ଡାଇଗ୍ନୋଷ୍ଟିକ ଷ୍ଟେଟ ଅପରେସନ ମୁଖ୍ୟ ରାଜେନ୍ଦ୍ର ଜେନା, ସନ୍ତୋଷ ସାହୁ, ଡ.ଅଜିତ ଦରଜୀ ଯୋଗ ଦେଇଥିଲେ। ସାଂସଦ ଶ୍ରୀ ପୁରୋହିତ ଆଗାମୀ କିଛି ଦିନରେ ଏଠାରେ ଗୋଟିଏ ଏକ୍ସରେ ମେସିନ ବସିବ, ଆଜିଠାରୁ ରୋଗୀ ମାନଙ୍କର ୧୬ ପ୍ରକାର ମାଗଣା ପରୀକ୍ଷା ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୨ଟି ପରୀକ୍ଷା କରାହେବ ବୋଲି କହିଥିଲେ। ରକ୍ତ, ମଳ, ମୂତ୍ର ଇତ୍ୟାଦିର ପରୀକ୍ଷା କରାଯିବ। ଷ୍ଟାଫ ମାନଙ୍କ ପାଇଁ ୩ କୋଟି ଟଙ୍କା ବ୍ୟୟରେ କ୍ୱାର୍ଟର ନିର୍ମାଣ, ୬ କୋଟି ଟଙ୍କା ବ୍ୟୟରେ ୨୫ ବେଡର ହସ୍ପିଟାଲ ନିର୍ମାଣ ହେବା ସହ ଔଷଧୀୟ ବୃକ୍ଷ ରୋପଣ କରାଯିବ ବୋଲି କହିବା ସହ ଡାକ୍ତରଖାନାର ଷ୍ଟାଫ ମାନଙ୍କୁ ରୋଗୀ ମାନଙ୍କ ସହ ମିଠା କଥା କହି ଠିକ ଚିକିତ୍ସା କଲେ ଦିନେ ଆମର ଆୟୁର୍ବେଦ ଚିକିତ୍ସାଳୟ ବହୁତ ସୁନାମ ଅର୍ଜନ କରିବ ବୋଲି ସାଂସଦ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ସେ ବଗିଚାରେ ଏକ ଆମ୍ବ ବୃକ୍ଷ ରୋପଣ କରିଥିଲେ ଏବଂ ନିଜର ରକ୍ତ ପରୀକ୍ଷା କରିଥିଲେ। ସଭାରେ ସରକାରୀ ଆୟୁର୍ବେଦ ଉପଅଧୀକ୍ଷକ ଡ.ଶରତ ବେହେରା ସଭାପତିତ୍ୱ କରିଥିଲେ।



ଏଥିରେ ଡ.ଶ୍ରୀକାନ୍ତ ନାଗ, ଡ.ଶ୍ରୀକାନ୍ତ ରାଉତ, ଡ.ଲେବିୟା ସାଗର, ଡ.ସ୍ୱାଗତିକା ପ୍ରଧାନ, ଡ.ନିରୂପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡ.ଲେବିୟା ସାଗର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ପାଇକମାଳର ଅନେକ ବୁଦ୍ଧିଜୀବୀ, ସାମ୍ବାଦିକ, ତଥା ଅନେକ ପୁରୁଷ, ମହିଳା ଓ ଚିକିତ୍ସାଳୟର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ। ଶେଷରେ ଡ.ମୂରଲୀଧର ବାଗ ଧନ୍ୟବାଦ ଦେଇଥିଲେ।

# କ୍ରିଷ୍ଣା ବିକାଶ ହସ୍ପିଟାଲ୍ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



**ଝାରବନ୍ଧ, ୧୦।୧(ସମିସ):** ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଏନଏସଏସ. ୟୁନିଟ, ମାରୱାଡ଼ି ଯୁବା ମଞ୍ଚ ଝାରବନ୍ଧ ଓ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଝାରବନ୍ଧ ଶାଖାର ମିଳିତ ଆନୁକୂଲ୍ୟରେ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ ଓ କ୍ରିଷ୍ଣା ବିକାଶ ହସ୍ପିଟାଲ, ବରଗଡ଼ର ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଝାରବନ୍ଧ ଶାଖାର ସଭାପତି ନନ୍ଦକିଶୋର ଅଗ୍ରୱାଲ ଓ ବରିଷ୍ଠ ବିଜେପି ନେତା ଦୁର୍ଗା ପ୍ରସାଦ ଅଗ୍ରୱାଲ, ସମାଜସେବୀ ଗୋବିନ୍ଦ ପଟେଲ, ପୂର୍ବତନ ଜିଲ୍ଲା ପରିଷଦ ହରିହର ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୪୮୬ ଜଣ ରୋଗୀ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ମାରୱାଡ଼ି ଯୁବାମଞ୍ଚର ଜୟ ଅଗ୍ରୱାଲ, ରାକେଶ ଅଗ୍ରୱାଲ (ପିଙ୍କୁ), ବିକାଶ ଅଗ୍ରୱାଲ, ମନୀଷ ଅଗ୍ରୱାଲ ଓ ମୋଦିତ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ଶିବିରର ସଫଳତା ପାଇଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସାର୍ତ୍ତିକ ସାହୁ, ଅର୍ଥନୀତି ଅଧ୍ୟାପକ ନବୀନ ମେହେର, ଇଂରାଜୀ ଅଧ୍ୟାପକ ଗଗନ ବିହାରୀ ଡନସନା, ଶିକ୍ଷା ବିଭାଗ ଅଧ୍ୟାପିକା ଯାଜ୍ଞସେନି ନାୟକ, ଡ.ଖ୍ୟାତିମୟ ତ୍ରିପାଠୀ, ଅଧ୍ୟାପିକା ରଶ୍ମୀ ମହାଲିଙ୍ଗ, ରିତାଞ୍ଜଳୀ ଗୁରୁ, ମିନପ୍ରଭା ପ୍ରଧାନ, ଅଧ୍ୟାପକ ମୁକେଶ ବାଗ, ଚନ୍ଦ୍ରମଣି ବାଗ, କୁନି ସାହାଙ୍କ ସମେତ ଅଶୋକ ହାତୀ, ବଲ୍ଲଭ ମିର୍ଦ୍ଧା, ଅଞ୍ଜନ ବରିହା, ଦୁର୍ଯ୍ୟୋଧନ ପାଣ୍ଡେ, ପ୍ରକାଶ ପ୍ରଧାନ, ରୁକ୍ମିଣୀ ସାହୁ ଓ ମଦନ ବାଗ ପ୍ରମୁଖ ଉପସ୍ଥିତ ସହଯୋଗ କରିଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ ଫୋଲ୍ଡସ୍କୋପ୍‌ର ଉପଯୋଗୀତା ଉପରେ ବକ୍ତୃତା

**ପଦ୍ମପୁର, ୧୦।୧(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ 'ଜୀବବିଜ୍ଞାନ କ୍ଷେତ୍ରରେ ଫୋଲ୍ଡସ୍କୋପ୍‌ର ପ୍ରୟୋଗ' ଶୀର୍ଷକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଏଥିରେ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ସମ୍ପାଦକ ଭାବେ ଅରୁଣାଚଳ ପ୍ରଦେଶ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ ଅଧୀନ ଇଟାନଗର ସରକାରୀ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ସହଯୋଗୀ ପ୍ରାଧ୍ୟାପକ ଡ.ପ୍ରଶାନ୍ତ ନନ୍ଦ ଯୋଗ ଦେଇଥିଲେ। କମ୍ ଖର୍ଚ୍ଚରେ ନିର୍ମିତ କାଗଜ ଅଣୁବୀକ୍ଷଣ ଯନ୍ତ୍ର ବା 'ଫୋଲ୍ଡସ୍କୋପ୍' ମାଧ୍ୟମରେ କିପରି ସୂକ୍ଷ୍ମ ଜୀବଜଗତକୁ ସହଜରେ ପରୀକ୍ଷା କରାଯାଇପାରିବ ଏବଂ ଏହା ଜୀବବିଜ୍ଞାନ ଗବେଷଣାରେ କିପରି ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ମାନସୀ ସ୍ୱାଇଁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଅଧ୍ୟାପକ ଡ.ସୁବୋଧ ତ୍ରିପାଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ନବକୃଷ୍ଣ ମିଶ୍ର ଉପସ୍ଥିତ ଥିଲେ। ସମ୍ମିଳନୀରେ ପ୍ରାଧ୍ୟାପିକା ତାପିନୀ ପଣ୍ଡା, ପ୍ରାଧ୍ୟାପକ ତାରା ପ୍ରସାଦ ଶତପଥୀ, ପ୍ରଭାତ ମହାପାତ୍ର, ପ୍ରମୋଦ ତ୍ରିପାଠୀ, ସୁଦୀପ୍ତ ଦାଶ, ଘନଶ୍ୟାମ ପ୍ରଧାନ, ରବୀନ୍ଦ୍ର ନାଏକ ସମେତ ସମସ୍ତ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା କଳ୍ପନା ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପି. ସତ୍ୟନାରାୟଣଙ୍କ ପରଲୋକ



**ଅତାବିରା, ୧୦।୧(ସମିସ):** ଅତାବିରା ବ୍ଲକ କୁଲୁଣ୍ଡା ଆନ୍ଧ୍ରପଡ଼ାର ପର୍ଚାଲା ସତ୍ୟନାରାୟଣ (୮୫)ଙ୍କ ଶନିବାର ପରଲୋକ ଘଟିଛି। ସେ ମଧ୍ୟାହ୍ନ ଭୋଜନ ଖାଉଥିବା ସମୟରେ ହଠାତ୍ ଟଳି ପଡ଼ିଥିଲେ। ତାଙ୍କର ଅନ୍ତିମ ସଂସ୍କାର ହୋଇଥିବା ବେଳେ ଏକମାତ୍ର ପୁଅ ପି ଭେଙ୍କଟ୍ରା ମୁଖାଗ୍ନି ଦେଇଥିଲେ। ହୀରାକୁଦ ଡ୍ୟାମ୍ ନିର୍ମାଣ ସମୟରେ ଆସି ଏଠାରେ କୃଷିକୁ ଆପଣାଇ ଉନ୍ନତମାନର ଚାଷ କାର୍ଯ୍ୟ କରିଥିଲେ। ସେ କୋଶଳ ଆନ୍ଧ୍ର କଲଚରାଲ ଆସୋସିଏସନର କାର୍ଯ୍ୟକାରୀ ସଦସ୍ୟ ଥିଲେ।

# ମା' ବହଳତଳିଏନ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା



**ଗାଇସିଲେଟ, ୧୦।୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ମିନି ଷ୍ଟାଡିଅମ ଠାରେ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ୨୮ତମ ମା' ବହଳତଳିଏନ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ସମ୍ବଲପୁର ଦଳ ଓ ରାଉରକେଲା ଷ୍ଟିଲ ସିଟି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ମ୍ୟାଚ୍‌ରେ କେହି କାହାରିକୁ ଗୋଲ ଦେଇପାରି ନଥିଲେ। ଶେଷରେ ଟାଇବ୍ରେକରରେ ରାଉରକେଲା ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ କୁଚିଣ୍ଡା ଓ କଟକ ମଧ୍ୟରେ ଖେଳା ଯାଇଥିଲା। ଏଥିରେ କୁଚିଣ୍ଡା ଦଳ ୨-୧ରେ କଟକକୁ ପରାଜିତ କରିଥିଲା। କୁଚିଣ୍ଡା ଦଳ ପକ୍ଷରୁ ବିକ୍ରମ ମାଝୀ ୨ଟି ଗୋଲ ଦେଇଥିଲେ। ପ୍ରଶାନ୍ତ ବେହେରା, ଲିଙ୍ଗରାଜ ପ୍ରଧାନ, ଶଶିକାନ୍ତ ଦାସିଆ, ଜିତୁ ପାତ୍ର ଓ ଜିତେନ୍ଦ୍ରିୟ ଥନାପତି ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତିଆ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଡ.ବିଜୟ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ବିଜେପି ଯୁବ ନେତା ପ୍ରିତେଶ ବହିଦାର, ପ୍ରବୀଣ ପାଣିଗ୍ରାହୀ, ଆନନ୍ଦ ମଟାରୀ ପ୍ରମୁଖ ଯୋଗ ଦେଇଥିଲେ। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ସାଲନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଭେଡେନ, ୧୦।୧(ସମିସ):** ଭେଡେନ ବ୍ଲକ ଅଧୀନ ସାଲନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଦୁଇଦିନ ଧରି ଚାଲିଥିବା ୫୦ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରଚନ୍ଦ୍ର ବାଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବମ ଓ ଦଶମ ଛାତ୍ରଛାତ୍ରୀଙ୍କ ଦ୍ୱାରା ୨୫ଟି ଖେଳ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠିତ ସମସ୍ତ ଖେଳକୁ ପୂର୍ବତନ ଶିକ୍ଷକ ବାବୁଲାଲ ପଧାନ ପରିଚାଳନା କରିଥିଲେ। ଉଦ୍‌ଯାପନୀ



ସମାରୋହରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ତୋଷବନ୍ତ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସନାତନ ମିଶ୍ର, ବାବୁଲାଲ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିବୃନ୍ଦ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସୁମନ୍ତ ବଇଗା ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠିତ ଖେଳକୁ ଶିକ୍ଷକ ବିକ୍ରମ ପୁରୋହିତ, ପ୍ରଫୁଲ୍ଲ ଭଏନା, ସୁକଦେବ ତାଣ୍ଡି, ଶଶାଙ୍କ ପୁରୋହିତ, ସାନନ୍ଦ ଶତପଥୀ, ଡଳି ସେଟ, ବିଜୟ ତ୍ରିପାଠୀ, କାଳିଆ ସନ୍ୟାସୀ, ରାଜେନ୍ଦ୍ର ମୁଦୁଲିଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପପଙ୍ଗା ପାହାଡ଼ ରାସ୍ତା ଶୋଚନୀୟ, ପର୍ଯ୍ୟଟକ ହନ୍ତସନ୍ତ

**ଭେଡେନ, ୧୦।୧(ସମିସ)**

ଭେଡେନ ବ୍ଲକର ଐତିହାସିକ ପର୍ଯ୍ୟଟନ ସ୍ଥଳୀ ପପଙ୍ଗା ପାହାଡ ରାସ୍ତାର ମରାମତି ଅଭାବରୁ ଶୋଚନୀୟ ଅବସ୍ଥା ହୋଇଛି। ଫଳରେ ଏହି ରାସ୍ତା ଦେଇ ଯିବା ଆସିବା କରିବା ବେଳେ ପର୍ଯ୍ୟଟକ, ସ୍ଥାନୀୟ ଲୋକଙ୍କୁ ଭୀଷଣ କଷ୍ଟ ସ୍ୱୀକାର କରିବାକୁ ହେଉଛି। ଶିବ ମନ୍ଦିରରୁ ପାହାଡ ପର୍ଯ୍ୟନ୍ତ ଥିବା ପ୍ରାୟ ୨ କିମି ରାସ୍ତାର ଅଧା କଂକ୍ରିଟ ପୂର୍ବ ସରକାର ସମୟରେ ହୋଇଥିଲା। ଅଧା ରାସ୍ତା ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଗୋଡ଼ି ଗୁଡ଼ିକ ବାହାରି ରାସ୍ତାସାରା ପଡ଼ି ରହିଛି। ବର୍ତ୍ତମାନ ବଣଭୋଜି ଋତୁ ହୋଇଥିବାରୁ ପ୍ରତ୍ୟକ ଦିନ ଶତାଧିକ ଲୋକେ ଆସୁଛନ୍ତି। ଅନେକ ଲୋକ ଦୟନୀୟ ରାସ୍ତା ଯୋଗୁଁ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏହି ପାହାଡ ସ୍ଥାନୀୟ ଅଞ୍ଚଳର ଇତିହାସର ଗାଥା ବହନ କରୁଛି। ଏହି ପାହାଡ ବୀର ସୁରେନ୍ଦ୍ର ସାଏ, ଭେଡେନ ଜମିଦାର ମନୋହର ସିଂ, ଛବିଳ ସାଏ ସମେତ ଅନେକ ସଂଗ୍ରାମୀଙ୍କ ବୀର କର୍ମକ୍ଷେତ୍ର ଥିଲା। ଏହି ପାହାଡ଼କୁ ବ୍ୟବହାର କରି ଇଂରେଜ ମାନଙ୍କ ସହିତ ସେମାନେ ଗରିଲା ଯୁଦ୍ଧ କରିଥିଲେ। ପୂର୍ବ ସରକାର ଏହି ପାହାଡକୁ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ଦେଇ ପାହାଡ ଉପରେ ଅନେକ ଉନ୍ନୟନ କାମ ମଧ୍ୟ କରିଛନ୍ତି। ଉକ୍ତ ରାସ୍ତାର ଅଧା କଂକ୍ରିଟ ମଧ୍ୟ ହୋଇଛି। ବଳକା ପ୍ରାୟ ୧ କିମି ରାସ୍ତା କିନ୍ତୁ ଏବେ ଅବହେଳିତ ହୋଇ ସମ୍ପୂର୍ଣ୍ଣ ବେହାଲ ହୋଇଛି। ରାଜ୍ୟର ଏକ ପର୍ଯ୍ୟଟନ ସ୍ଥଳୀ ରାସ୍ତା ଏପରି ହେଲେ ଅନ୍ୟ ଅଞ୍ଚଳର ରାସ୍ତା କେମିତି ଥିବ ବୋଲି ବାହାରୁ ଆସୁଥିବା ଲୋକେ ଚର୍ଚ୍ଚା କରିଛନ୍ତି।



# ଜାତୀୟସ୍ତରୀୟ କବାଡ଼ି ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ପାଇକମାଳ, ୧୦।୧(ସମିସ):** ଛତିଶଗଡ଼ର ଦୁର୍ଗରେ ଜାନୁଆରୀ ୬ରୁ ୯ ତାରିଖ ଯାଏଁ ସ୍କୁଲ ଗେମ୍ ଫେଡେରେସନ ଅଫ ଇଣ୍ଡିଆ ତରଫରୁ ୬୯ ତମ ଜାତୀୟସ୍ତରୀୟ ବିଦ୍ୟାଳୟ କବାଡି ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଧର୍ମରାଜ ରଣା ୧୪ ବର୍ଷରୁ କମ୍ ବାଳକ ବିଭାଗ ଓଡ଼ିଶା ଦଳ ପକ୍ଷରୁ ଖେଳିଥିଲେ। ତାଙ୍କୁ ଆଜି ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ପିଏମଶ୍ରୀ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ସଭାପତିତ୍ୱ ସଭାରେ ଶିକ୍ଷକ ନରହରି ସିଂ, ପିଇଟି ଶିକ୍ଷକ ପଦ୍ମଲୋଚନ ମାଝୀ, କୃଷ୍ଣ ବାଗ, ନୀଳମଣି ବରିହା, ଶଙ୍କରଲାଲ ମହାନନ୍ଦ, ଅଭିଜିତରାଏ, ବିକ୍ରମ ସିଂ, ଅର୍ଜୁନ ଜେନା, କଲ୍ୟାଣୀ ଦନ୍ତା, ସଙ୍ଘମିତ୍ରା ବେହେରା, ସଲୋନୀ ପ୍ରିୟଦର୍ଶିନୀ ସେଠ, ସଦାନନ୍ଦ ଭୋଇ, ସବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନିକଟସ୍ଥ ଧାରୋଲ ଗାଁର ଅର୍ଜୁନ ରଣାଙ୍କ ପୁଅ ଧର୍ମରାଜ ରଣା। ସେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। ସେ ବ୍ଲକ, ଜିଲ୍ଲା ତଥା ରାଜ୍ୟ



ସ୍ତରୀୟ କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟ ଦଳ ପାଇଁ ମନୋନୀତ ହେବାସହ ଓଡ଼ିଶା ଦଳ ପାଇଁ ଖେଳି ମାଣ୍ଡୋସିଲ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେହିପରି ପିଏମଶ୍ରୀ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସଞ୍ଜିତା ପଟେଲ ଜାନୁଆରୀ ୧୯ ତାରିଖରେ ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲ୍ଲା ଗୁଡିୱାଡାରେ ହେବାକୁ ଥିବା ଜାତୀୟ ସ୍ତରୀୟ ବିଦ୍ୟାଳୟ ବାଳିକା କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି।

